# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 August– 2026**

---

# ରାଜ୍ୟପାଳ

ନିଜ ଧାରଣା ଓ ଜ୍ଞାନକୁ ଉଦ୍ୟୋଗରେ ପରିଣତ କରି ସମାଜର ବାସ୍ତବ ସମସ୍ୟାର ସମାଧାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ନିରନ୍ତର ଶିକ୍ଷା, ଉଦ୍ଭାବନ ଓ ବିଭିନ୍ନ ବିଷୟରେ କାର୍ଯ୍ୟ କରିବାର କ୍ଷମତା ଆଗାମୀ ପିଢ଼ିକୁ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରିବ । ବିକାଶଶୀଳ ପ୍ରଯୁକ୍ତିକୁ ଉପଯୋଗ କରି ସ୍ୱଚ୍ଛ ଶକ୍ତି ଓ ପରିବେଶ କ୍ଷେତ୍ରରେ ଜୀବିକା, ଗବେଷଣା ଓ ଉଦ୍ୟୋଗ କରିବାକୁ ଶ୍ରୀ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

# ଓଡ଼ିଶା ପରବ

ଉତ୍ତରପ୍ରଦେଶର ବାରଣାସୀଠାରେ ଓଡ଼ିଶା ପରବ ଉଦ୍‌ଘାଟିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ମହୋତ୍ସବରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ହସ୍ତଶିଳ୍ପ ଓ ସ୍ୱାଦିଷ୍ଟ ବ୍ୟଞ୍ଜନର ସମ୍ଭାର ପ୍ରଦର୍ଶିତ ହେଉଛି ।

---

# ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ଆସନ୍ତା ୩୧ ତାରିଖରୁ ୨ ଦିନ ପର୍ଯ୍ୟନ୍ତ କରାଯିବ । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଗଣତି ହେବ । ଏଥିପାଇଁ ଅପରାହ୍ନ ୪ଟାରୁ ସନ୍ଧ୍ୟାଧୂପ ଶେଷ ହେବା ପର୍ଯ୍ୟନ୍ତ ଭିତର କାଠଦର୍ଶନ ବନ୍ଦ ରହିବ । ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ମାର୍ଚ୍ଚ ୨୫ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା ।

# ଶିକ୍ଷକ ସମ୍ମାନ-ରାଷ୍ଟ୍ରପତି

ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଦେଶର ୪୮ଜଣ ଶିକ୍ଷକଙ୍କୁ ମନୋନୀତ କରାଯାଇଥିବା ବେଳେ ଏଥିରେ ଓଡ଼ିଶାରୁ ୨ ଜଣ ଶିକ୍ଷକ ଅଛନ୍ତି । ଜଗତସିଂହପୁର ଜିଲ୍ଲା ଆଳିପିଙ୍ଗଳସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମରାଜ ଉମାକାନ୍ତ ନାୟକ ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆସ୍ଥିତ ଏକଲବ୍ୟ ମଡେଲ ରେସିଡେନ୍‌ସିଆଲ୍ ସ୍କୁଲ୍ ଶିକ୍ଷକ ମହମ୍ମଦ ଜାଫର ଆଲମ୍‌ଙ୍କୁ ଆସନ୍ତା ୫ ତାରିଖରେ ଶିକ୍ଷକ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏହି ସମ୍ମାନ ପ୍ରଦାନ କରିବେ ।

# ନାମଲେଖା

ରାଜ୍ୟର  ୩ଟି ଆୟୁର୍ବେଦ ମହାବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନାମଲେଖା ନିମନ୍ତେ ଅନୁମତି ମିଳିଛି । ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ଗଞ୍ଜାମ ଅଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ଭେଷଜ ମହାବିଦ୍ୟାଳୟ ଏବଂ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରେ ନାମଲେଖା ପାଇଁ ଅନୁମତି ମିଳିଛି ।

---

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୬

ପୌରସଂସ୍ଥାଗୁଡ଼ିକ ପାଇଁ ସାମଗ୍ରିକ ସମୀକ୍ଷା ଓ ଅନୁସ୍ଥାପନ କାର୍ଯ୍ୟକ୍ରମ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୬' ଆଜି ଅନୁଷ୍ଠିତ ହେବ। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ, ଯୋଜନାକାରୀ, ପୌରପ୍ରତିନିଧି ଓ ଯନ୍ତ୍ରୀମାନେ ବିଭିନ୍ନ ଯୋଜନାର ସମୀକ୍ଷା କରି ସମସ୍ୟା ସଂପର୍କରେ ଆଲୋଚନା କରିବେ। କାର୍ଯ୍ୟକ୍ରମକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।

---

# ଏନଟିପିସି ବିସ୍ଫୋରଣ

ଅନୁଗୁଳ ଜିଲ୍ଲା କଣିହାଁସ୍ଥିତ ଏନ୍‌ଟିପିସି ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ବିସ୍ଫୋରଣ ଘଟି ୫ ଜଣ ଶ୍ରମିକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୨ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

---

# ଝୁଲଣ ଯାତ୍ରା

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ୭ ଦିନ ପର୍ଯ୍ୟନ୍ତ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଶ୍ରୀବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ବାସୁଦେବ ମନ୍ଦିରରୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ରାଧାଗୋବିନ୍ଦଙ୍କୁ ବିଭିନ୍ନ ଅଳଙ୍କାରରେ ସଜ୍ଜିତ କରାଇ ଝୁଲଣ ମଣ୍ଡପରେ ବିମାନରେ ପରିକ୍ରମା କରାଯାଉଛି ।

---

# ବନ୍ୟାସ୍ଥିତି

ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିଛନ୍ତି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଡାକ୍ତରୀ ଦଳ । ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ମଶାବାହୀତ ରୋଗର ନିୟନ୍ତ୍ରଣ ଆଦି ସ୍ଥିତି ସଂପର୍କରେ ଏହି ଦଳ ସମୀକ୍ଷା କରିଛନ୍ତି ।

---

# ମହାକାଶ ଦିବସ

ଦେଶରେ ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି । ଚନ୍ଦ୍ରଯାନ-୩ର ସଫଳତା ପରେ ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ।  ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି "ବିକଶିତ ଭାରତ ଅଭିମୁଖେ ନୂତନତ୍ୱ ସହଯୋଗ ଏବଂ ବିଶ୍ୱ ମହାକାଶ ନେତୃତ୍ୱ ପାଇଁ ଆକାଂକ୍ଷା" ।

---

# ଦୌଡ଼କୁଦ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ୍ ଟୁର୍ ସିଲ୍‌ଭର ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହିଳା ୧୦୦ ମିଟର ଦୌଡ଼ 'ଏ' ବର୍ଗରେ ଓଡ଼ିଶାର ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ଜିତିଛନ୍ତି । ମହିଳା ୧୦୦ ମିଟର ଦୌଡ଼ 'ବି' ବର୍ଗରେ ଭାରତର ରାଜରଂଜନ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ମହିଳା ଲଙ୍ଗ୍‌ଜମ୍ପ୍‌ରେ ଆନସୀ ସୋଜାନ୍ ଇଡ଼ାପାଲୀଙ୍କୁ ସ୍ୱର୍ଣ୍ଣପଦକ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେତା ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ୨୭ଟି ଦେଶରୁ ମୋଟ୍ ୧୮୭ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଥିଲେ ।

# ପାଣିପାଗ

ମ୍ୟାଁମାର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଘୂର୍ଣ୍ଣିବଳୟ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ସଂଲଗ୍ନ ବାଂଲାଦେଶ ଉପକୂଳରେ ସକ୍ରିୟ ରହିଛି । ଆଜି ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।